# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 January - 2025

### News Editor : Tapan Kumar Maharana

*************************************

## ମୁଖ୍ୟ ସମ୍ବାଦ

- ଦେଶ ଆଜି ପାଳନ କରୁଛି ୭୬ତମ ସାଧାରଣତନ୍ତ୍ର ଦିବସ

— ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଜାତୀୟ ପତାକା ଉତ୍ତୋଳନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

— ଭୁବନେଶ୍ୱର ରାଜ୍ୟସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କଲେ ରାଜ୍ୟପାଳ

- ରାଜ୍ୟବାସୀଙ୍କୁ ମୌଳିକ ଅଧିକାର ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ, ମୁଖ୍ୟମନ୍ତ୍ରୀ

— ଜାତୀୟ ସାହସିକତା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟର ୧୯ ଜଣଙ୍କୁ ଦିଆଗଲା ପୁଲିସ୍ ପଦକ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ଟାଇଟଲ୍ ହାସଲ ପାଇଁ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ୍ ଏବଂ ସୁରମା ହକି କ୍ଲବ୍ ମଧ୍ୟରେ ହେବ ମ୍ୟାଚ୍

# ରିପବ୍ଲିକ ଡେ

ଦେଶ ଆଜି ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୁ ମୁଖ୍ୟ ଅତିଥିଭାବେ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେଇଥିଲେ। ସମ୍ବିଧାନ ପ୍ରଣୟନରେ ୭୫ ବର୍ଷ ପୂର୍ତ୍ତି ତଥା ଜନଭାଗିଦାରିତାର ନିଦର୍ଶନ ସ୍ୱରୂପ ଆଜି ସ୍ଥଳସେନା, ବାୟୁସେନା, ନୌସେନା, ଅର୍ଦ୍ଧ ସାମରିକ ବାହିନୀ, ଏନ.ସି.ସି. ଏବଂ ଏନ.ଏସ.ଏସ. ତଥା ବିଭିନ୍ନ ବର୍ଗର ସାମରିକ, ପୁଲିସ ବାହିନୀ ପକ୍ଷରୁ ସମ୍ମିଳିତ ପରେଡ ପ୍ରଦର୍ଶନ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ୧୦ ହଜାରରୁ ଅଧିକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶହିଦଙ୍କ ସମ୍ମାନାର୍ଥେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ପ୍ରଦର୍ଶନୀ ବୁଲି ଦେଖିଥିଲେ।

## ସାଧାରଣତନ୍ତ୍ର ଦିବସ–ମୁଖ୍ୟମନ୍ତ୍ରୀ

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି ଭୁବନେଶ୍ୱର ଗାନ୍ଧିମାର୍ଗରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ବେସାମରିକ ଦଳ ପରେଡ୍‌ରେ

ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ଏହି ଅବସରରେ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।  ସମୃଦ୍ଧ ଓଡ଼ିଶାର ଐତିହ୍ୟ ଏବଂ ବିକାଶ ବାର୍ତ୍ତା ବହନ କରୁଥିବା ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କଟକର ବିଡାନାସୀ ମିନି-ଷ୍ଟାଡିୟମ୍‌ଠାରେ ପତାକା ଉତ୍ତୋଳନ କରି ଦେଶପାଇଁ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦେଶର ଗଣତନ୍ତ୍ର ବଜାୟ ରଖିବାରେ କୋଟି କୋଟି ଜନତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମାଝୀ କହିଛନ୍ତି। ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମୃଦ୍ଧ ଓ ବିକଶିତ ଓଡ଼ିଶା ନିର୍ମାଣରେ ଜନସାଧାରଣ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି...

# - V/O -

**ଖୋର୍ଦ୍ଧା** ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜେବି ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।

୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଶ୍ରୀମତୀ ପରିଡା ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

**ପୁରୀ** ତାଳବଣିଆ ଇଣ୍ଡୋର ଷ୍ଟାଡିୟମ୍ ପଡିଆରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଦେଶ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସମସ୍ତ ପୂଣ୍ୟାତ୍ମା ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ପାଇଁ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଥିଲେ ।

# - V/O -

**ଢେଙ୍କାନାଳ** ଜିଲ୍ଲାସ୍ତରୀୟ ଉତ୍ସବରେ ରାଜ୍ୟ ସମବାୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ **ରାୟଗଡ଼ା**ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ

ଖାଲି ପଡିଥିବା ୫ ହଜାର ଡାକ୍ତର ପଦବୀ ଓ ୩ ହଜାର ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଇଛି।

**ବୌଦ୍ଧ** ଜିଲ୍ଲା ସଦର ମହକୁମା ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ୍ **କେନ୍ଦ୍ରାପଡା** ଜିଲ୍ଲା ସଦର ମହକୁମାଠାରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି।

## ସାଧାରଣତନ୍ତ୍ର ଦିବସ-ଜିଲ୍ଲା-୨

**ସୁନ୍ଦରଗଡ଼** ଯାତ୍ରା ପଡିଆରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। **ନୂଆପଡା** ଜିଲ୍ଲା ମିନିଷ୍ଟାଡିୟମ୍‌ଠାରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମିଳିତ ପରେଡ୍‌ରେ ଭାଗନେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ପତାକା ଉତ୍ତୋଳନ କରିଥିଲେ। **ସୁବର୍ଣ୍ଣପୁର** ରାମେଶ୍ୱର ଷ୍ଟାଡିୟମ୍‌ରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। **ଭଦ୍ରକ**

ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ୨୦୪୭ ମସିହା ସୁଦ୍ଧା ଦେଶ ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଉପସ୍ଥିତ ଜନତାଙ୍କୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

**କୋରାପୁଟ** ଜିଲ୍ଲା ପୁଲିସ୍ ପଡିଆଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ।

**ଯାଜପୁର**ଠାରେ ପାଳିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଯାଜପୁର ସହରର ବିଭିନ୍ନ ଛକରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକରେ ମାଲ୍ୟାର୍ପଣ ଅର୍ପଣ କରାଯାଇଥିଲା।

## ପୁଲିସ୍ ସେବା ପଦକ

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସାହସିକତା ଓ ସେବା ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାରୁ ୧୯ ଜଣ ପୁଲିସ୍ ଅଧିକାରୀଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ

କରାଯାଇଛି । ବିଶିଷ୍ଟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ, କାର୍ଯ୍ୟକ୍ଷେତ୍ରରେ ସାହସିକତା ପ୍ରଦର୍ଶନ ନିମେନ୍ତ ୬ ଜଣଙ୍କୁ ସାହସିକତା ପୁଲିସ ସେବା ପଦକ ଓ ୧୧ ଜଣଙ୍କୁ ଉଲ୍ଲେଖନୀୟ ପୁଲିସ୍ ସେବା ପଦକ ମିଳିଛି ।

ଦେଶର ବିଭିନ୍ନ ରାଜ୍ୟର ପୁଲିସ୍, ଅଗ୍ନିଶମବାହିନୀ, ହୋମ୍‌ଗାର୍ଡ, ସିଭିଲ୍ ଡିଫେନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ସାହସିକତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ ।

## ପଦ୍ମଶ୍ରୀ ପୁରସ୍କାର

ଚଳିତବର୍ଷ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ଦିଆଯିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ମଧ୍ୟରେ ୭ଜଣଙ୍କୁ ପଦ୍ମ ବିଭୂଷଣ, ୧୯ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ଉପାଧି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିବେ । ସମ୍ମାନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ୨୩ଜଣ ମହିଳା ଅଛନ୍ତି । ଏହା ବ୍ୟତୀତ ୧୩ଜଣଙ୍କୁ ମରଣୋତ୍ତର ଭାବେ ପୁରସ୍କୃତ କରାଯିବ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ, ବୈଷୟିକ, ବାଣିଜ୍ୟ, ସାହିତ୍ୟ, ଶିକ୍ଷା, କ୍ରୀଡା, ପ୍ରଶାସନିକ ସେବା ଏବଂ ଚିକିତ୍ସା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯିବ । ଓଡିଶାରୁ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର

ଅଶୋକ କୁମାର ମହାପାତ୍ର, ଉତ୍କୃଷ୍ଟ କଳା ପାଇଁ ଭାସ୍କର୍ଯ୍ୟଶିଳ୍ପୀ ଅଦ୍ୱୈତ ଚରଣ ଗଡନାୟକ, ଓଡିଶୀ ନୃତ୍ୟର ଉତ୍କର୍ଷତା ପାଇଁ ଦୁର୍ଗାଚରଣ ରଣବୀର ଏବଂ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ  ଡକ୍ଟର ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ।

## ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ଆସନ୍ତା ୨୮ ଓ ୨୯ ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଆଗାମୀ ଦିନରେ 'ଭାରତ ମାନଚିତ୍ରରେ ଓଡ଼ିଶା' ଶିଳ୍ପ ପେଣ୍ଠସ୍ଥଳି ହେବ। ଏହି ସମ୍ମିଳନୀ ଦ୍ୱାରା ରାଜ୍ୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ଦେଶ ଓ ବିଦେଶର ବିଭିନ୍ନ ଶିଳ୍ପସଂସ୍ଥାର ୭ ହଜାର ୫୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି, ନିବେଶକ ସମ୍ମିଳନୀରେ ଯୋଗଦେବେ। ସମ୍ମିଳନୀରେ ୩ଟି ବିଷୟଗତ ଅଧିବେଶନରେ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କ ମଧ୍ୟରେ ଆଲୋଚନା କରାଯିବ। ଦୁଇଦିନିଆ ସମ୍ମିଳନୀ ପରେ

ସାଧାରଣ ଜନତାଙ୍କ ପାଇଁ ୩୦ ତାରିଖ ଦିନ ପ୍ରଦର୍ଶନୀ ଖୋଲା ରହିବ ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

## ପୁଞ୍ଜି ନିବେଶ ପ୍ରସ୍ତାବ

ରାଜ୍ୟରେ ଗତ ୭ ମାସ ମଧ୍ୟରେ ୨ ଲକ୍ଷ ୭୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ରାଜ୍ୟ ସରକାର ୧୫୯ଟି ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଏଗୁଡ଼ିକ କାର୍ଯ୍ୟକାରୀ ହେଲେ ୨ ଲକ୍ଷ ୧୫ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟ ସରକାର ନିବେଶ ପ୍ରସ୍ତାବ ଆଣିବା ସହିତ ସେଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଶିଳ୍ପ ଅନୁକୂଳ ବାତାବରଣ ରହିଥିବାରୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସରକାର ଧ୍ୟାନ ଦେଉଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଆଜି ସନ୍ଧ୍ୟା ୬ଟାରେ ଓଡ଼ିଶା ୱାରିୟର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

ପୁରୁଷବର୍ଗରେ ଗତକାଲି ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସକୁ ୪-୨ଗୋଲରେ ଟିମ୍

ଗୋନାସିକା ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚରେ ହାଇଦ୍ରାବାଦ ତୁଫାନ୍ସ ୩-୧ ଗୋଲରେ ୟୁପି ରୁଦ୍ରାସକୁ ହରାଇ ଦେଇଛି ।